R.N.I. Regd. No. ... Postal Regd. No. OR/SBP/.../2015-2017

ସୂର୍ଯ୍ୟାସ୍ତ - ୫.୦୯ - ଶୁଭ ସମୟ - ଦିବା ୦୯ଟା ୩୪

**"ଅଗ୍ନିଶିଖା"କୁ ବଞ୍ଚାଇ ରଖନ୍ତୁ**

"ବିଜ୍ଞାପନ"ର ଅର୍ଥରେ ଦୈନିକ ସମ୍ବାଦପତ୍ର ବଞ୍ଚି ରହିଥାଏ ତଥା ସମୃଦ୍ଧ ହୋଇଥାଏ । ଆପଣଙ୍କର ବିଜ୍ଞାପନ "ଅଗ୍ନିଶିଖା" ପାଖକୁ ପଠାଇ ଅଗ୍ନିଶିଖାକୁ ବଞ୍ଚାଇ ରଖନ୍ତୁ ।

G.M. University Campus
At/Po. SAMBALPUR

# ଅଗ୍ନିଶିଖା
## The Agnishikha




e_mail:theagnishikha@yahoo.co.in SAMBALPUR 'MONDAY' DECEMBER 21, 2015 ■ ୪୭ଶ ବର୍ଷ ■ ସଂଖ୍ୟା ୧୨୨ ■ ସମ୍ବଲପୁର ■ ସୋମବାର ୨୧ ଡିସେମ୍ବର, ୨୦୧୫ ■

## ମୁକ୍ତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ପ୍ରଥମ ପ୍ରସ୍ତୁତି ଚୂଡ଼ାନ୍ତ

# ରାଜ୍ୟର ୫ ସ୍ଥାନରେ କାର୍ଯ୍ୟାଳୟ ଓ ସବୁ ଜିଲ୍ଲାରେ ହେବ ଶିକ୍ଷାକେନ୍ଦ୍ର



ସମ୍ବଲପୁର,୨୦/୧୨- ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସର୍ବପ୍ରଥମ ପ୍ରବେଶିକା ସମ୍ମିଳନୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କେମ୍ପସ୍ ସ୍ଥିତ ଏହାର ଶିବିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗରେ ନାମ ଲେଖେଇଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଡ. ଶ୍ରୀକାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ନୂଆ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱବିଦ୍ୟାଳୟର ଶିକ୍ଷା ପଦ୍ଧତି, ବିଭିନ୍ନ ପାଠ୍ୟକ୍ରମ ଓ ପରୀକ୍ଷା ବାବଦରେ ସୂଚନା ପ୍ରଦାନ କରାଯାଇଛି।

ଓଏସ୍‌ଡି ଡ. ମହାପାତ୍ର ଦୂର ଓ ନିରନ୍ତର ଶିକ୍ଷା ବାବଦରେ ବକ୍ତବ୍ୟ ଉପସ୍ଥାପନ କରିବା ସହିତ ବିଶ୍ୱବିଦ୍ୟାଳୟର ବିଭିନ୍ନ ଜିଲ୍ଲାରେ ଥିବା ଶିକ୍ଷା କେନ୍ଦ୍ର ମାଧ୍ୟମରେ ଅଧ୍ୟୟନ ବାବଦରେ ଅବଗତ କରାଇଥିଲେ। ଏଥିରେ ପଶ୍ଚିମାଞ୍ଚଳର ୧୦ଟି ଜିଲ୍ଲାର ପ୍ରାୟ ୯୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଏବଂ ବ୍ରହ୍ମପୁରଠାରେ ମଧ୍ୟ ଓଡ଼ିଶାର ଅନ୍ୟ ଦୁଇ ଇଲାକାର ଛାତ୍ରଛାତ୍ରୀମାନଙ୍କ ପାଇଁ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର ଏବଂ କୋରାପୁଟର ଜୟପୁରଠାରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ବିଶ୍ୱବିଦ୍ୟାଳୟର କେନ୍ଦ୍ର ସ୍ଥାପନ କରାଯିବ ବୋଲି ସେ କହିଛନ୍ତି। ଆଜି ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ଏପ୍ଲିକେସନ୍, ସାଇବର ସିକ୍ୟୁରିଟି, ଜର୍ଣ୍ଣାଲିଜମ୍ ଏଣ୍ଡ ମାସ କମ୍ୟୁନିକେସନରେ ଡିପ୍ଲୋମା ପାଠ୍ୟକ୍ରମ, କମ୍ୟୁନିକେସନ ସ୍କିଲରେ ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଥମ କରି ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଡ. ଶୁଧାଂଶୁ ଶେଖର ରଥ, ଡିନ୍ ଡ. କାମଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ବଲପୁର ଜିଲ୍ଲା ବି...

# ସଭାପତି ପଦ ନେଇ ଅ...

ସମ୍ବଲପୁର,୨୦/୧୨- ସମ୍ବଲପୁର ଜିଲ୍ଲା ଭାରତୀୟ ଜନତା ପାର୍ଟିର ପରବର୍ତ୍ତୀ ଜିଲ୍ଲା ସଭାପତି ପଦ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଚଳିତ ମାସ ଶେଷ ସୁଦ୍ଧା ଏହା ସ୍ପଷ୍ଟ ହୋଇଯିବ। ଜିଲ୍ଲାରେ ବିଜେପିର ନିର୍ବାଚନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ନ ଥିବାରୁ ସହମତି ଭିତ୍ତିରେ ଗତ ଥର ଭଳି ସଭାପତି ମନୋନୟନ କରାଯିବାକୁ କର୍ତ୍ତୃପକ୍ଷ ଚିନ୍ତା କରିଥିବା ଜଣାପଡ଼ିଛି। ନୂଆ ସଭାପତି ପଞ୍ଚାୟତ, ୨୦୧୯ର ସାଧାରଣ ନିର୍ବାଚନ ଏବଂ ସମ୍ବଲପୁର ମହାନଗର ନିଗମର ମର୍ଯ୍ୟାଦାଜନକ ପ୍ରଥମ ନିର୍ବାଚନ ପରିଚାଳନାର ଗୁରୁଦାୟିତ୍ୱ

ନିର୍ବାଚନ ଅଧିକାରୀ ସାରଦା ଶତପଥୀ, ବିଧାୟକ ପ୍ରଦୀପ ପୁରୋହିତ, ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ପ୍ରମୁଖଙ୍କ ଗତକାଲି ଦୀର୍ଘ ସମୟ ଧରି ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ବିଜେପି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ରାଜ୍ୟ ସହ ପ୍ରବକ୍ତା ଶାରଦା ଶତପଥୀ ମଧ୍ୟ ପୁରୁଖା କର୍ମୀ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କୁ ସାକ୍ଷାତ କରି ସୂଚନା ସଂଗ୍ରହ କରୁଥିବା ପ୍ରକାଶ।

ବର୍ତ୍ତମାନର ଜିଲ୍ଲା ଉପସଭାପତି ବେଣୁଧର ଦାଶ, ପୂର୍ବତନ ସଭାପତି ସୀମାଞ୍ଚଳ ଖଟେଇ, ବରିଷ୍ଠ ନେତା

# ବୃହତ୍ତର ସମାଜର ସୁରକ୍ଷା ପାଇଁ ସଂଗ୍ରାମ ଲୋଡ଼ା: ଏଲ୍ଲାହାବାଦ

## ବ୍ୟାଙ୍କ କର୍ମଚାରୀ ୟୁନିୟନର ଚତୁର୍ଦ୍ଦଶ ରାଜ୍ୟ ସମ୍ମିଳନୀ